## ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସମାରୋହ




**ବ୍ରହ୍ମପୁର, ୨୩।୪(ସମିସ):** ସ୍ଥାନୀୟ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ସମାରୋହ 'ସୁନେଲୀ ସ୍ମୃତି-୨୦୨୬' ଅନୁଷ୍ଠିତ ହୋଇଯାଇଛି । ବିଭାଗ ମୁଖ୍ୟ ଡ. କୁଳମଣି ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ଉଦଘାଟନ କରିଥିଲେ । ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ ତୃପ୍ତିରାଣୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ଡ. କୈଳାସ ଚନ୍ଦ୍ର ତ୍ରିପାଠୀ, ପ୍ରାଶାସନିକ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ଇଂରାଜୀ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ଓ ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଅଧ୍ୟୟନ ଛାତ୍ରଛାତ୍ରୀଙ୍କ ପାଇଁ କର୍ମ ନିଯୁକ୍ତିର ଅନେକ ସୁଯୋଗ ରହିଛି । ସେମାନେ ତାହାର ସଦୁପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ । ବିଭାଗର ସହକାରୀ ପ୍ରଫେସର୍ ଡ. ରବୀନ୍ଦ୍ର କୁମାର ପଣ୍ଡା, ସହକାରୀ ପ୍ରଫେସର୍ ଡ. ସୁଶାନ୍ତ କୁମାର ପରିଡ଼ା, ଅଧ୍ୟାପକ ଡ. ଶାରଦା ପ୍ରସାଦ ଦାସ ଓ ଅତିଥି ଅଧ୍ୟାପକ ଟି. ସୀମାଞ୍ଚଳ ପାତ୍ର ପ୍ରମୁଖ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ଜୀବନ ଗଠନର ସମ୍ପର୍କରେ ଆଲୋକପାତ କରିଥିଲେ । ସମାରୋହରେ ଯୁକ୍ତ ତିନି କଳା ଓଡ଼ିଆ ସମ୍ମାନ ତୃତୀୟ ବର୍ଷ ଓ ସ୍ନାତକୋତ୍ତର ଓଡ଼ିଆ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବେଆଇନ କାଠମିଲ୍ ଉପରେ ଚଢ଼ଉ

# ଦୁର୍ଦ୍ଧାନ୍ତ ଅପରାଧୀ ଲମ୍ବୁ ତାରିଣୀ ଓ ସହଯୋଗୀ ଗିରଫ

**ବେଲଗୁଣ୍ଠା, ୨୩।୪(ସମିସ)**

ଗାଙ୍ଗପୁର ଥାନା ଅନ୍ତର୍ଗତ ସିଆରିମାଳ ଗ୍ରାମରେ ପୁଲିସ ଏକ ବେଆଇନ କାଠ ମିଲ୍ ଉପରେ ଚଢ଼ଉବେଳେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ଲମ୍ବୁ ତାରିଣୀ ଓ ତା'ର ସହଯୋଗୀଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ବେଆଇନ ମାରଣାସ୍ତ୍ର ଜବତ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ଉତ୍ତର ବନଖଣ୍ଡ ଅଧିକାରୀ ଭଞ୍ଜନଗରଙ୍କ ଅନୁରୋଧକ୍ରମେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ମିଳିତ ଟିମ୍ ସିଆରିମାଳ ଗ୍ରାମକୁ ବେଆଇନ କାଠ ମିଲ୍ ଚଢ଼ଉ ପାଇଁ ଯାଇଥିଲେ । ଏହି କାଠ ମିଲ୍‌ଟି ସେହି ଗ୍ରାମର ଲମ୍ବୁ ଓରଫ ନାରାୟଣ ତାରିଣୀ (୪୯) ଦ୍ୱାରା ପରିଚାଳିତ ହେଉଥିଲା । ଚଢ଼ଉବେଳେ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ଲମ୍ବୁ ତାର ଫାର୍ମହାଉସ୍‌ରେ ବେଆଇନ ଅସ୍ତ୍ରଶସ୍ତ୍ର ମଧ୍ୟ ରଖିଛି । ଭଞ୍ଜନଗରର ଅତିରିକ୍ତ ତହସିଲଦାର ଅବିନାଶ କୁମାର




ମାହାରଙ୍କ ଉପସ୍ଥିତିରେ ଲମ୍ବୁର ଘର ଯାଞ୍ଚ କରାଯାଇଥିଲା । ସେଠାରେ ଲମ୍ବୁ ସହ ତା'ର ସହଯୋଗୀ ତଥା ଜଗନ୍ନାଥପ୍ରସାନ ଥାନା ଅନ୍ତର୍ଗତ କୁମ୍ଭାପଡ଼ା ଗ୍ରାମର ବୁଧିଆ ପାତ୍ର (୩୦) ଶୋଇଥିବା ଅବସ୍ଥାରେ ମିଳିଥିଲେ । ଲମ୍ବୁ ତାରିଣୀର ବେଆଇନ କାଠ ମିଲ୍ ନିକଟରେ ଥିବା ତା ଘର ଭିତରୁ ସନ୍ଧିକା ଇଣ୍ଡଷ୍ଟ୍ରିଆଲ୍ ଲେଖାଥିବା ଗୋଟିଏ ୯ଏମଏମ୍ ପିସ୍ତଲ ଓ ୩ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି ଦେଶୀ ବନ୍ଧୁକ, ଗୋଟିଏ ଲୁହା ବୁଲେଟ୍ ଓ ବନ୍ଧୁକ ଲୋଡିଂ ରଡ୍, ଏକ ୨ ଫୁଟ୍ ଲମ୍ବର ଷ୍ଟିଲ୍ ରଡ୍ ଏବଂ ଗୋଟିଏ ଲୁହା କଟୁରି, ନଗଦ ୫, ୨୫୦ ଟଙ୍କା, ଏକ ମୋବାଇଲ୍ ଏବଂ ଏକ କାର ଜବତ କରାଯାଇଥିବା ପୁଲିସ ନିଜ ଆଡୁ ଦାଖଲ

### ଦେଶୀ, ବିଦେଶୀ ବନ୍ଧୁକ ଓ ଗୁଳି ଜବତ

କରିଥିବା ଏଫଆଇଆରରେ ଉଲ୍ଲେଖ କରିଛି ।

ପୁଲିସ ସୂଚନା ଅନୁଯାୟୀ, ନାରାୟଣ ତାରିଣୀ ଓରଫ ଲମ୍ବୁ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ । ତା' ନାମରେ ହତ୍ୟା, ଡକାୟତି ଓ ରାହାଜାନି ଭଳି ପ୍ରାୟ ୫୦ରୁ ଅଧିକ ଅପରାଧିକ ମାମଲା ରହିଛି । ସେ ଅଞ୍ଚଳର କଣ୍ଟ୍ରାକ୍ଟର ଓ ବ୍ୟବସାୟୀଙ୍କଠାରୁ ଦାଦାବଟି ଆଦାୟ କରୁଥିଲା । ପୂର୍ବରୁ ଏକ ପୁଲିସ ଏନ୍‌କାଉଣ୍ଟରରେ ସେ ନିଜର ଡାହାଣ ଗୋଡ଼ ହରାଇଥିଲେ ମଧ୍ୟ ଅପରାଧିକ ସାମ୍ରାଜ୍ୟ ଚଳାଇ ଆସୁଥିଲା । ଭୟରେ କେହି ପୁଲିସକୁ ମଧ୍ୟ ସୂଚନା ଦେଇପାରୁନଥିଲେ । ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିଥିବା ଯୋଗୁଁ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ବେଆଇନ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ରୁଜୁ କରି ଗିରଫ କରାଯାଇଛି ଓ ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଗୁପ୍ତ ସୂଚନା ଆଧାରରେ ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ଓ ପୁଲିସ ବାହିନୀ ସମନ୍ୱୟରେ ଚଢ଼ଉ ବେଳେ ମିଲ୍ ଭିତରୁ ପ୍ରାୟ ୭ଲକ୍ଷ ଟଙ୍କାର ସାମଗ୍ରୀ ମଧ୍ୟରେ ଗୋଟିଏ ବେଆଇନ ଭାବେ ଗଚ୍ଛିତ ୧୮ଟି ଶାଗୁଆନ ଗଣ୍ଡି, ୭୦ଟି ଶାଗୁଆନ ପଟା (ପ୍ରାୟ ୫୬.୦୧ ସିଏଫ୍‌ଟି) ଜବତ କରାଯାଇଛି । ଅଭିଯୁକ୍ତ ଲମ୍ବୁ ତାରିଣୀକୁ ଘଟଣାସ୍ଥଳରୁ ଗିରଫ କରାଯାଇଛି । ତାଙ୍କ ବିରୋଧରେ ବେଆଇନ କାଠ ମିଲ୍ ପରିଚାଳନା ସହ ଆର୍ମସ ଆକ୍ଟର ମଧ୍ୟ ଉଲ୍ଲଂଘନ ଅଭିଯୋଗରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି ।

## ଗଞ୍ଜାମରେ ପୁଣି ୨ଦିନ ବଢ଼ିଲା ଛୁଟି ଅବଧି

**ଛତ୍ରପୁର, ୨୩।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ଛୁଟି ଅବଧି ଆଉ ୨ଦିନ ପାଇଁ ବୃଦ୍ଧି କରାଯାଇଛି । ଏପ୍ରେଲ ୨୪ ଓ ୨୫ ଦୁଇଦିନ ଧରି ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଛାତ୍ରଛାତ୍ରୀଙ୍କ ପାଇଁ ବନ୍ଦ ରହିବ । ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁ ହୋଇଥିଲା । ତେବେ, ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁ ରହିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପୂର୍ବରୁ ଏପ୍ରେଲ ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଥିଲା ।

## ଗାଡ଼ି ଧକ୍କାରେ ପୂର୍ବତନ ୱାର୍ଡ଼ ସଦସ୍ୟା ମୃତ

**ଦିଗପହଣ୍ଡି, ୨୩।୪(ସମିସ):** ଦିଗପହଣ୍ଡି ବିଦ୍ୟୁତ୍ ସବ୍‌ଷ୍ଟେସନ ନିକଟ ୩୨୬ ନଂ ଜାତୀୟ ରାଜପଥରେ ଗୁରୁବାର ସକାଳ ପ୍ରାୟ ସାଢ଼େ ୧୦ଟାରେ କୌଣସି ଏକ ଗାଡ଼ି ଧକ୍କାରେ ଗୁରୁତର ଆହାତ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତର ପୂର୍ବତନ ୱାର୍ଡ଼ ସଦସ୍ୟା ଝିଲି ସାହୁ(୪୦) । ନୂଆ ମୌଳାଭଞ୍ଜା ଗ୍ରାମ କୃଷ୍ଣ ସାହୁଙ୍କ ସ୍ତ୍ରୀ ଝିଲି ବ୍ୟାଙ୍କ କାମରେ ଦିଗପହଣ୍ଡି ଆସି ଚାଲି ଚାଲି ଗାଁକୁ ଯାଉଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା । ରାସ୍ତା କଡ଼ରେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଏକ ଅଟୋ ସେହି ରାସ୍ତା ଦେଇ ଯାଉଥିଲା । ଅଟୋ ଚାଳକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ପୁଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି ।

## କାର୍ କାଚ ଭାଙ୍ଗି ବିଭିନ୍ନ ସାମଗ୍ରୀ ଲୁଟିନେଲେ ଦୁର୍ବୃତ୍ତ



**ଛତ୍ରପୁର, ୨୩।୪(ସମିସ):** ସ୍ୱଷ୍ଟ ଦିବାଲୋକରେ କାର ଡୋର କାଚ ଭାଙ୍ଗି ଡ୍ରୋନ କ୍ୟାମେରା, ଭିଡିଓ ଓ ଫୋଟ କ୍ୟାମେରା ସହିତ ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ । ଏଭଳି ଘଟଣା ଦେଖିବାକୁ ଛତ୍ରପୁର ବାୟା ରେଷ୍ଟୋରାଣ୍ଟ ନିକଟରେ । ସୂଚନାଯୋଗ୍ୟଯେ, ଏକ ପରିବାର ରେଷ୍ଟୋରାଣ୍ଟ ସମ୍ମୁଖରେ କାର ରଖି ଖାଇବାକୁ ଯାଇଥିଲେ । ସେଠାରେ ଖାଇ ସରିବା ପରେ କାର ନିକଟକୁ ପରିବାର ଲୋକ ଆସିବା ବେଳେ ଦୁର୍ବୃତ୍ତ ମାନେ କାର ଡୋର ରଭାଙ୍ଗି ବିଭିନ୍ନ ସାମଗ୍ରୀ ନେଇଥିବା ଜଣାପଡ଼ିଥିଲା । ଖବର ପାଇ ଛତ୍ରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏନେଇ ଥାନାରେ ଅଭିଯୋଗ ହୋଇଛି । ଉକ୍ତ ପରିବାର ଛତ୍ରପୁର ନିକଟରେ ଥିବା ଏକ ପାର୍କରେ ଫୋଟ ଓ ଭିଡିଓ ସୁଟ କରିବାକୁ ଆସିଥିଲେ । ସେଠାରେ କାମ ସାରି ଖାଇବାକୁ ବାୟା ରେଷ୍ଟୋରାଣ୍ଟ ସମ୍ମୁଖରେ କାର ରଖିଥିଲେ ।

## ଗଞ୍ଜାମ ଜିଲ୍ଲା କଂଗ୍ରେସ (ପଶ୍ଚିମ) ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**ଭଞ୍ଜନଗର, ୨୩।୪(ସମିସ):** ମହିଳା ସଂରକ୍ଷଣ ବିଲକୁ ନେଇ ବିଜେପି କୁମ୍ଭୀର କାନ୍ଦଣା କାନ୍ଦୁଛି । ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବାକୁ କେନ୍ଦ୍ର ସରକାର ଜାଣିଶୁଣି ଏଭଳି ଏକ



ସ୍ୱତନ୍ତ୍ର ଅଧିବେଶନ ଡକାଇ ମହିଳା ବିଲ୍ ସଂସଦରେ ଆଗତ କରିଥିଲା । ବିଲ୍ ଖାରଜ ହେବା କଥା ବିଜେପି ଆଗରୁ ଜାଣିଥିଲା । ୨୦୨୩ରେ ଥରେ ଏନେଇ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିବା ବେଳେ ଏବେ ପୁଣିଥରେ ଏନେଇ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା କଣ ଜରୁରୀ ବୋଲି ରାଜ୍ୟ କଂଗ୍ରେସ ବରିଷ୍ଠ ଉପସଭାପତି ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରଶ୍ନ କରିଛନ୍ତି । ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୯ ମସିହାରେ ସଂସଦ ରେ ଐତିହାସିକ ବିଲ୍ ଆଣି ପଞ୍ଚାୟତରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ୨୦୨୧ରେ କଂଗ୍ରେସ ପକ୍ଷରୁ ସଂସଦ ରେ ଆଗତ ମହିଳା ବିଲ୍ ରାଜ୍ୟସଭାରେ ପାରିତ ହୋଇଥିଲା । କଂଗ୍ରେସ ସବୁବେଳେ ମହିଳାଙ୍କୁ କ୍ଷମତା ଦେବାକୁ କସରତ କରି ଆସିଛି । କିନ୍ତୁ ବିଜେପି ସରକାର କେବଳ ଭୋଟ କୈନ୍ଦ୍ରିକ ଚିନ୍ତାଧାରା ଆପଣାଇ ମହିଳାଙ୍କ ପାଇଁ ଆଖିରେ ଲୁହ ନଥାଇ କାନ୍ଦୁଛି । ଯାହା ଦେଶବାସୀ ଜଣି ସାରିଲେଣି ବୋଲି କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଭଞ୍ଜନଗର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଦଳ ପକ୍ଷରୁ ଜିଲ୍ଲା ସଭାପତି ବି. ଦଣ୍ଡପାଣି ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବରିଷ୍ଠ କଂଗ୍ରେସ ନେତା ରାଜ୍ୟ ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ରହି ବିଜେପି ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଗତ ୨ବର୍ଷରେ ରାଜ୍ୟରେ ରେକର୍ଡ ସଂଖ୍ୟକ ୬୦ ହଜାର ଧର୍ଷଣ ମାମଲା ଘଟିଲାଣି । ଏଥିରୁ ବିଜେପି ସରକାରଙ୍କ ମହିଳାଙ୍କ ପ୍ରତି କେତେ ସମ୍ମାନ ରହିଛି ତାହା ଜଣା ପଡୁଛି ବୋଲି ଉଲ୍ଲେଖ କରିଥିଲେ । ଆୟୋଜିତ ଏହି ପ୍ରେସମିଟରେ ଦଳ ପକ୍ଷରୁ ପ୍ରଶାନ୍ତ ବିଷୋୟୀ, ହରେକୃଷ୍ଣ ରଥ, ସୁରଭି ବିଷୋୟୀ ଓ ଦେବକାନ୍ତ ଶର୍ମାଙ୍କ ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ବ୍ଲକ ସଭାପତି ଓ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ଶ୍ରୀ ସିଦ୍ଧିବିନାୟକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଦିଗପହଣ୍ଡି ବିଜୟୀ



**ଦିଗପହଣ୍ଡି, ୨୩।୪(ସମିସ):** ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ ଖେଳପଡ଼ିଆ ଠାରେ ଗୁରୁବାର ଶ୍ରୀ ସିଦ୍ଧି ବିନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ୍. ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ପୂର୍ବତନ ସରପଞ୍ଚ ଏସ୍. ଗାନ୍ଧୀ ଦୋରା, ସାମାଜିକକର୍ମୀ ବିଭୂ ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଭାଇଚାରା ମନୋଭାବ ରଖି ଖେଳିବାକୁ ପରାମର୍ଶ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ଦିଗପହଣ୍ଡି ଗ୍ରାଉଣ୍ଡ କ୍ରିକେଟ୍ ଟିମ୍ ଓ ପୁଟବଗଡ଼ ଗ୍ରାମ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରି ଦିଗପହଣ୍ଡି ଗ୍ରାଉଣ୍ଡ କ୍ରିକେଟ ଟିମ୍ ନିର୍ଦ୍ଧାରିତ ୬ ଓଭରରେ ୩ ୱିକେଟ ହରାଇ ୯୯ ରନ୍ କରିଥିଲା । ଟିମ୍ ପକ୍ଷରୁ ଦୀପକ କୁଣ୍ଡ ମାତ୍ର ୧୬ଟି ବଲରେ ୭ ଛକା ଓ ୪ ଚୌକା ସହାୟତାରେ ଅପରାଜିତ ୬୦ ରନ କରିଥିଲେ । ଜବାବରେ ବିପକ୍ଷ ଟିମ୍ ପୁଟବଗଡ଼ ଗ୍ରାମ କ୍ରିକେଟ ଟିମ୍ ୭୪ ରନ କରି ପରାସ୍ତ ହୋଇଥିଲା । ଦିଗପହଣ୍ଡିର ଦୀପକ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଅକ୍ଷୟ ସାହୁ ଓ ଚନ୍ଦନ ଦୋରା ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିବା ବେଳେ ଅଶ୍ୱିନୀ ସାହୁ, ସୀମା ଦୋରା, ରବି ଦୋରା, କିରଣ ବିଷୋୟୀ, ଜିତେନ ଦୋରା, ସାଗର ଦୋରା, ଚନ୍ଦନ ସେଠୀ, ବବୁଲ ଦୋରା, ରିତେଶ ଦୋରା, ଶଙ୍କର ସେଠୀ, ସାନୁ ମହାରଣା, ଶୁଭମ ଦୋରା, ପ୍ରେମ୍ ଦୋରା ପ୍ରମୁଖ କ୍ଲବ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

● କେବିରିପଲ୍ଲୀରେ ଗୋଷ୍ଠୀ ସଂଘର୍ଷ

## ପୂର୍ବ ଶତ୍ରୁତାରୁ ରକ୍ତପାତ; ୪ ଗିରଫ



**ବେଲଗୁଣ୍ଠା, ୨୩।୪(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଲଗୁଣ୍ଠା ଥାନା ଅନ୍ତର୍ଗତ କେବିରିପଲ୍ଲୀ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି । ଏହି ଘଟଣାରେ ପୁଲିସ ଉଭୟ ପକ୍ଷରୁ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନା ଅନୁଯାୟୀ, ଗତ ୨୧ ଓ ୨୨ତାରିଖ ମଧ୍ୟରାତ୍ରିରେ କେବିରିପଲ୍ଲୀ ଗ୍ରାମର ଦୁଇ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହା ଉଗ୍ର ରୂପ ନେବା ସହ ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା । ଦୀର୍ଘ ୮ ବର୍ଷର ପୁରୁଣା ଶତ୍ରୁତା ଯୋଗୁଁ ଏହି ହିଂସାକାଣ୍ଡ ଘଟିଥିବା ଜଣାପଡ଼ିଛି । ଗ୍ରାମର ଦିଲୀପ କୁମାର ବିଷୋୟୀଙ୍କ ଅଭିଯୋଗ କ୍ରମେ ବେଲଗୁଣ୍ଠା ଥାନା କେସ୍ ନଂ ୧୯୦/୨୬ ରୁଜୁ ହୋଇଛି । କାର୍ତ୍ତିକ ପରିଡ଼ା ଓ ତାଙ୍କ ଭାଇ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି । ଅପରପକ୍ଷରୁ କାର୍ତ୍ତିକ ପରିଡ଼ା କାତିରେ ଆକ୍ରମଣ ହୋଇଥିବା ନେଇ ପାଲଟା ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୧୯୧/୨୬ ରୁଜୁ କରିଛି । ଉଭୟଙ୍କ ଅଭିଯୋଗ ଆଧାରରେ ଆଜି ବେଲଗୁଣ୍ଠା ପୁଲିସ ଏହି ଘଟଣାରେ କାର୍ତ୍ତିକ ପରିଡ଼ା (୩୨), ଶୁକ୍ରୁ ପରିଡ଼ା ବାଳକୃଷ୍ଣ ସ୍ୱାଇଁ (୫୨), ଦିଲୀପ କୁମାର ସ୍ୱାଇଁ (୫୦)ଙ୍କୁ ଗିରଫ କରିଛି । ଗିରଫ ହେବା ପରେ ସମସ୍ତ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି । ବିଏନଏସର ବିଭିନ୍ନ ଧାରା ଅନୁଯାୟୀ ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି ।

## ଦୀପ ନିଆଁରୁ ଦୋକାନ ଜଳିଗଲା

● ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ; ୨ ଆହତ

● ଧରାକୋଟ ଦମକଳ ଗାଡ଼ି ଅଚଳ, ସୋରଡ଼ାରୁ ବିଳମ୍ବରେ ଆସିଲା

**ଧରାକୋଟ, ୨୩।୪(ସମିସ):** ଧରାକୋଟ ବ୍ଲକର ରୁଗୁମୁ ଗାଁର ରାଧାକୃଷ୍ଣ ମନ୍ଦିର ନିକଟ କୁମ୍ଭଟି ଛକରେ ଥିବା ରାଧାକୃଷ୍ଣ ଭେରାଇଟି ଷ୍ଟୋରରେ ଗତ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ, ଦୁଇଟି ଫ୍ରିଜ, ଦୁଇଟି ଟିଭି, ପ୍ରିଣ୍ଟର, ଲେମିନେଟର, ଇନଭର୍ଟର, ଘରୋଇ ଆସବାବପତ୍ର ସହ ୨୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି । କଂଗ୍ରେସ ସ୍ୱାଇଁଙ୍କ ଏହି ଦୋକାନରେ ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ଦିଆଯାଇଥିବା ଦୀପ ନିଆଁର ଝୁଲ ତଳକୁ ଖସି ଦୋକାନର ଶୁଖିଲା ସାମଗ୍ରୀକୁ ନିଆଁ ଧରିଥିଲା । ଏହାପରେ ଚାରିଆଡ଼କୁ



ମାଡ଼ି ଯାଇଥିଲା । ୧୧୨କୁ ଖବର ଦିଆଯାଇଥିଲେ ମଧ୍ୟ ଧରାକୋଟ ଦମକଳ ବାହିନୀର ଗାଡି ଖରାପ ଥିବାରୁ ସୋରଡ଼ା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ଜଳିପୋଡ଼ି ଛାରଖାର ହୋଇଯାଇଥିଲା । ନିଆଁକୁ ଆୟତ କରିବାକୁ ଯାଇ ତାଙ୍କ ପରିବାର ସଦସ୍ୟ ବାୟା ସ୍ୱାଇଁ ଓ କୃଷ୍ଣ ପ୍ରଧାନ ନିଆଁ ଧାସରେ ଗୁରୁତର ହେବାପରେ ସେମାନଙ୍କୁ ୧୦୮ ଯୋଗେ ଆସିକା ମେଡ଼ିକାଲକୁ ନିଆଯାଇଥିଲା । ସମ୍ପ୍ରତି ଏହି ଅଗ୍ନିକାଣ୍ଡ କଂଗ୍ରେସ ସ୍ୱାଇଁଙ୍କ ପରିବାରକୁ ସର୍ବସ୍ୱାନ୍ତ କରିଦେଇଥିବା ଦେଖିବାକୁ ମିଳିଛି । ସରକାରୀ ସହାୟତା ପ୍ରଦାନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି ।

## ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା

# ୨୭ରେ ଆରମ୍ଭ ହେବ ନିରୀକ୍ଷଣ ସାଥୀ

**ଛତ୍ରପୁର, ୨୩।୪(ସମିସ)**

ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପରିଷଦ ଭବନର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଗର୍ଭବତୀ ମହିଳା, ପ୍ରସୂତି ସଂଖ୍ୟା ହାର କାହିଁକି କମ ରହୁଛି ତାହା ଉପରେ ଅଧିକ ଫୋକସ ଦେଇଥିଲେ । ଅଧିକରୁ ଅଧିକ ସଚେତନତା କରି ଏହାର କିପରି ବୃଦ୍ଧି ସେଥିପାଇଁ ଗୁରତ୍ୱ ଦେବାକୁ ସେ କହିଥିଲେ । ସେହିପରି ଟୀକାକରଣ, ବନ୍ଧ୍ୟାକରଣ, ମମତା ଦିବସ, ନିରୀକ୍ଷଣ ଯୋଜନାର ସହିତ ଲୋକଙ୍କୁ ସ୍ୱାସ୍ଥ୍ୟସେବା କିପରି ସଠିକ ସମୟରେ ପ୍ରଦାନ କରାଯିବ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସ୍କିମ ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ସୁରକ୍ଷିତ ମାତୃତ୍ୱ ପାଇଁ ଗଞ୍ଜାମ ପ୍ରଶାସନ ଅଧିକ




ଗୁରୁତ୍ୱ ଦେଇ ନିରୀକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଜଣେ ଗର୍ଭବତୀ ତିନି ଥର ମାଗଣାରେ ନିଜର ଅଲଟ୍ରାସାଉଣ୍ଡ କରିପାରିବ ବୋଲି କୁହାଯାଇଛି । ରାଜ୍ୟରେ ପ୍ରଥମେ ଏହି ଗଞ୍ଜାମ ଜିଲାରୁ ଆରମ୍ଭ ହୋଇଥିଲା । ଏବେ ଗଞ୍ଜାମ ଜିଲ୍ଲା ରୋଲ ମୋଡେଲ ପାଲଟିଛି । ଏପରିକି ଆଗକୁ ମଧ୍ୟ ଜିଲାରେ ଆରମ୍ଭ ହେବାକୁ ଯାଉଛି ନିରକ୍ଷଣ ସାଥି । ଏହା ଆସନ୍ତା

### ଉପକୃତ ହେବେ ଗର୍ଭବତୀ

୨୭ରେ ଆରମ୍ଭ ହେବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ କହିଥିଲେ । ପୂର୍ବରୁ ମାଗଣାରେ ଅଲଟ୍ରାସାଉଣ୍ଡ ପ୍ରଦାନ କରାଯାଉଥିଲା । ଏବେ ଦୁର୍ଗମ ଅଟଂଳରେ ରହୁଥିବା ଗର୍ଭବତୀ ମାନେ ଯେପରି ସହଜରେ ଏବଂ ବିନା ମୂଲ୍ୟରେ ଡାକ୍ତରଖାନା ପହଞ୍ଚିବେ ସେଥିପାଇଁ ନିରକ୍ଷଣ ସାଥୀ ନାମକ ଏକ ଆପ ପ୍ରସ୍ତୁତ କରାଯାଇଛି । ଜିଲାରେ ଏବେ ପ୍ରଥମ ପର୍ଯ୍ୟାୟରେ ଦୁର୍ଗମ ଅଟଂଳ ପାତ୍ରପୁର, ଧରାକୋଟ, ସୋରଡା ଭଳି ବ୍ଲକର ୨୫୦ଟି ଦୁର୍ଗମ ଗାଁ ଏହାର ଲାଭ ନେଇପାରିବେ । ଯାହାକି ଏହା ଯୋଜନା ଦୁର୍ଗମ ଅଟଂଳ ପାଇଁ ବରଦାନ ସାଜିବ । ଜିଲାରେ ଏହି ସବୁ ଅଟଂଳରେ ଗର୍ଭବତୀମାନେ ମେଡିକାଲ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ଏପରିକି ଆମ୍ବୁଲାନ୍ସ ମଧ୍ୟ ପହଞ୍ଚି ପାରୁନଥିଲା । ସେଠାରେ ଏବେ ନିକଟରେ ଥିବା ଅଟୋ କିମ୍ବା ଯାତ୍ରୀବାହୀ ଗାଡି ଏହି ସେବା ଯୋଗାଇବ । ଗାଡି ଭଡା ଜିଲା ପ୍ରଶାସନ ରେଡକ୍ରସ ପାଣ୍ଠି ଖର୍ଚ୍ଚ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଭବାନୀ ଶଙ୍କର ମିଶ୍ର, ଡିପିଏମ ବୁଲୁନାଥ ସାହୁ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ବିଶ୍ୱମ୍ବର ବେହେରା, ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଙ୍କ ସମେତ ଜିଲ୍ଲା ର ସମସ୍ତ ପିଏଚଇଓ, ବିପିଏମ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅଧିକ୍ଷିକ ମାନେ ଉପସ୍ଥିତ ଥିଲେ ।


## ପକ୍ଷୀ ପାଇଁ ସମର୍ପିତ ଗୁଣ୍ଡିଚା

**ଆସିକା, ୨୩।୪(ସମିସ):** ଅସହ୍ୟ ଖରା ସାଙ୍ଗକୁ ଉତ୍ତାପ ବୃଦ୍ଧି । ଡହକ ବିକଳ କରୁଛି ସଭିଁଙ୍କୁ । ଧୀରେ ଧୀରେ ନଦୀ ଗାଡ଼ିଆ ଓ ପୋଖରୀ ଶୁଖିଗଲାଣି । ପାଣି ପାଇଁ ନିଇତି ସଂଘର୍ଷ କରୁଛନ୍ତି ପଶୁପକ୍ଷୀ । ଏହି ଜୀବମାନଙ୍କ ପ୍ରତି ଏବେ ସମର୍ପିତ ଆସିକା ଅଞ୍ଚଳର ଗୁଣ୍ଡିଚା ମହାରଣା । ରାତି ପାହିଲେ ଗୋଟିଏ ବାଇକ ଧରି ଓ କିଛି ସରଞ୍ଜାମ ନେଇ ବାହାରି ପଡ଼ନ୍ତି । ମାର୍କେଟରୁ ପ୍ଲାଷ୍ଟିକ ଥଳି ଓ ମଗ କିଣି ହାତରେ ପ୍ରସ୍ତୁତ କରିଛନ୍ତି ଏକ ପାତ୍ର । ଯେଉଁଥିରେ ପକ୍ଷୀଙ୍କ ପାଇଁ



ଖାଦ୍ୟ ଓ ପାଣି ରହିଥାଏ । ତାହାକୁ ସେ ଏକ ତାର ସାହାଯ୍ୟରେ ଗଛରେ ଲଟକାଇ ପକ୍ଷୀଙ୍କ ଚଳପ୍ରଚଳ ସ୍ଥାନ ହେଉ କି ଗଛରେ ଲଗାଉଛନ୍ତି । ଏହାସହ ସେଠାରେ ପରିବେଶ ସୁରକ୍ଷା ଓ ପକ୍ଷୀଙ୍କୁ ଖାଦ୍ୟ ଓ ପାଣି ଦିଅନ୍ତୁ ବୋଲି ଏକ ପୋଷ୍ଟର ମାରୁଛନ୍ତି । ସେହି ସ୍ଥାନୀୟ ଲୋକଙ୍କୁ ପାତ୍ରର ପାଣି ସରିଲେ ଭର୍ତ୍ତି କରିବାର ଦାୟିତ୍ୱ ଦେଇ ଆଗକୁ ବଢ଼ନ୍ତି । ଦୀର୍ଘ ୪ଦିନ ହେବ ଗୁଣ୍ଡିଚା ଆସିକା ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ପକ୍ଷୀଙ୍କ ପାଇଁ ଏପରି ବ୍ୟବସ୍ଥା କରିବା ସହ ଜନ ସଚେତନତା ସୃଷ୍ଟି କରୁଛନ୍ତି । ଗୁଣ୍ଡିଚାଙ୍କ ଏଭଳି କାର୍ଯ୍ୟକୁ ବେଶ୍ ପ୍ରଶଂସା ମିଳୁଛି । ଗୁଣ୍ଡିଚାଙ୍କ ଆସିକା କଳିଙ୍ଗ ରୋଡ ଠାରେ ଏକ ବାଇକ ଗ୍ୟାରେଜ୍ ରହିଛି । ସେ ଗତ କିଛିବର୍ଷ ହେଲା ବିଭିନ୍ନ ଅଞ୍ଚଳକୁ ଯାଇ ଗଛ ଲଗାଇବା ସହ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରୁଛନ୍ତି ।

# ନିମ୍ନମାନର ରାସ୍ତାକାମକୁ ନେଇ ତାତିଲେ ଗ୍ରାମବାସୀ





ବାଲିଗୁଡା,୨୩।୪(ସମିସ)

ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ନିମ୍ନମାନର ରାସ୍ତା କାମ। ବାଲିଗୁଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବାରଖମା ଠାରୁ ଜାର୍ଗିଭଟା ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ମରାମତି କାର୍ଯ୍ୟ ଚାଲିଛି। କିନ୍ତୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ନିମ୍ନ ମାନର କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାରେ ଲାଗୁନାହିଁ କୌଣସି

### ଯନ୍ତ୍ରୀ କହିଲେ ଯେତିକି ହୋଇଛି ବହୁତ

ସୂଚନା ଫଳକ କିମ୍ବା ରାସ୍ତା କାମ ଚାଲୁଥିବା ନେଇ କୌଣସି ସିଗନାଲ୍ ବୋର୍ଡ। ଫଳରେ ସେହି ବାଟ ଦେଇ ଦୈନନ୍ଦିନ ଯିବା ଆସିବା କରୁଥିବା ଲୋକେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅସନ୍ତୋଷ ସହ ଗ୍ରାମବାସୀ ତାତିଛନ୍ତି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଅଭିଯୋଗ ଓ ସ୍ଥାନୀୟ ସଲାଗୁଡା ସରପଞ୍ଚ ସରିତା ମଲ୍ଲିକ ବାରମ୍ବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ପରେ ବାଲିଗୁଡ଼ାଠାରୁ ଜାର୍ଗିଭଟା ରାସ୍ତାର ମରାମତି ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟାଦେଶ ପାଇଥିବା ଜିଲ୍ଲା ବାହାର ଠିକା ସଂସ୍ଥାର ଠିକାଦାରଙ୍କ ମନମୁଖୀ କାର୍ଯ୍ୟ କରୁଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ ଏହାର ଉପଯୁକ୍ତ ତଦାରଖ କରୁନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ରାସ୍ତା ମରାମତି କାର୍ଯ୍ୟ ଚାଲିଥିବା ବେଳେ ଦି ଦିନ ନଯାଉଣୁ ରାସ୍ତାର ଅନେକ ଜାଗାରୁ ପିଚୁ ଉଠିଗଲାଣି। ଏନେଇ ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ ଅଞ୍ଚଳବାସୀ ଜଣାଇବା ସତ୍ତ୍ୱେ ଏଯାବତ୍ କିଛି ସୁଫଳ ମିଳିନଥିବା କହିଛନ୍ତି ଅଞ୍ଚଳବାସୀ ଓ ଜନ ପ୍ରତିନିଧି। ତଦାରଖ କରୁଥିବା ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଅବଗତ କଲେ ଯନ୍ତ୍ରୀ କହୁଛନ୍ତି ଶତ ପ୍ରତିଶତ କାମ ଠିକ୍ ଅଛି। ଯଦି ଖରାପ ରାସ୍ତାକୁ ମରାମତି କରାଯାଉଛି ତେବେ ସଠିକ୍ ଢଙ୍ଗରେ କରାଯାଉ ଏଭଳି ମନମୁଖୀ କାର୍ଯ୍ୟ କଲେ ଅଞ୍ଚଳବାସୀ ଏହାର ତୀବ୍ର ବିରୋଧ କରିବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

■ ଲାଇନପଡ଼ା ବୁଡେଣି ଗୁଳିକାଣ୍ଡ

## ନାବାଳକ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ




ଟିକାବାଲି,୨୩।୪(ସମିସ): ଟିକାବାଲି ଥାନା ଲାଇନପଡ଼ା ଫାଣ୍ଡି ଅନ୍ତର୍ଗତ କୁସୁମେଣ୍ଡି ପଞ୍ଚାୟତ ବୁଡ଼େଡିରେ ଗତ ୧୮ ତାରିଖରେ ଘଟିଥିବା ଗୁଳିକାଣ୍ଡରେ ନାବାଳକ ବିଭୂତି କହଁର (୧୬)ଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ଦୁଇ ଜଣ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଥିଲା। ସେମାନେ ହେଲେ ପ୍ରତାପ କହଁର (୨୯) ଏବଂ ଜଣେ ନାବାଳକ। ଘଟଣା ପରଠାରୁ ମୁଖ୍ୟ ଅଭିଯୁକ୍ତ ପ୍ରତାପ ଫେରାର ଥିବାବେଳେ ପୁଲିସ ନାବାଳକକୁ ଅଟକ ରଖି ପଚରାଉଚରା କରିଥିଲା। ଆଜି ପ୍ରତାପକୁ ଟିକାବାଲି ପୁଲିସ ତାଙ୍କ ନିଜ ଗ୍ରାମରୁ ଗିରଫ କରିଛି। ଜେରା ବେଳେ ପ୍ରତାପ ନିଜ ଦୋଷ ସ୍ୱୀକାର କରିଛନ୍ତି। ତାଙ୍କ ବନ୍ଧୁକରୁ ଗୁଳି ବାଜି ବିଭୂତିଙ୍କ ମୃତ୍ୟୁ ହୋଇଥିବା ସେ ସ୍ୱୀକାର କରିଛନ୍ତି। ଆଜି ଅଭିଯୁକ୍ତ ପ୍ରତାପ କହଁରଙ୍କୁ ଫୁଲବାଣୀ ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ସମୀର କୁମାର ବେହେରା ସୂଚନା ଦେଇଛନ୍ତି।

## ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ଶିବିର



ଫିରିଙ୍ଗିଆ,୨୩।୪(ସମିସ): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ଫୁଲବାଣୀ ସମ୍ମିଳନୀ କକ୍ଷରେ ବିଭିନ୍ନ ଆଇନ ସମ୍ପର୍କିତ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ପରିବାର ଅଦାଲତ ବିଚାରପତି ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରୀତିଶ କୁମାର ରାଉତରାୟ, ଏଫଟିଏସସି କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ସଚିବ ରମାକାନ୍ତ ମହାନ୍ତି, ଏସଡିଜେଏମ ସୌମ୍ୟା ସୋନାଲିକା, ଜେଏମ୍ଏଫସି ବଦ୍ରିନାଥ ବିଶ୍ୱାଳ, ପ୍ରୋବେସନର ସିଭିଲ ଜଜ ଅରୁଣିମା ପତି, ଫୁଲବାଣୀର ବାର ଆସୋସିଏସନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ବିଜୟ କୃଷ୍ଣ ପଟ୍ଟନାୟକ, ବାର ଆସୋସିଏସନ ଫୁଲବାଣୀର ବରିଷ୍ଠ ଆଇନଜୀବୀ, ପବ୍ଲିକ ପ୍ରୋସିକ୍ୟୁଟର ପୂର୍ଣ୍ଣଚନ୍ଦ୍ର ନାଗ, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସିଲ ଦେବବ୍ରତ ପ୍ରଧାନ, ଡେପୁଟି ଚିଫ ନିରୋଦ କୁମାର ପାତ୍ର, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ କେ. ଲକ୍ଷ୍ମୀ ନାରାୟଣ ଦୋରା ଓ ଶୁଭାଙ୍ଗୀ ହରିତସ୍ୟ, ଜିଲ୍ଲା ଆଇନସେବାସମ୍ମୁଖକାର୍ଯ୍ୟାଳୟରରିଟେନରପୀତାମ୍ବରସାହୁ, ବନଖଣ୍ଡ ଅଧିକାରୀ ପ୍ରତାପ କୋଟପଲ୍ଲୀ, ଡିଏସପି ସର୍ବେଶ୍ୱର ବେହେରା ଏବଂ ପୋଲିସ ବିଭାଗ ଓ ବନ ବିଭାଗର ନ ଅଧିକାରୀ ଯୋଗଦେଇଥିଲେ।

ଏହିସଚେତନତାକାର୍ଯ୍ୟକ୍ରମରେବିଶେଷକରିଭାରତୀୟନାଗରିକ ସୁରକ୍ଷା ସଂହିତା, ୨୦୨୩ ଅନ୍ତର୍ଗତ ଏଫ୍ଆଇଆର୍, ଜାମିନ, ସମନ ଓ ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ୱ ଅଧିକାର, ଆପିଲ୍ ପ୍ରକ୍ରିୟା ଏବଂ ପ୍ଲି ବାର୍ଗେନିଙ୍ଗ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହା ସହିତ ବନ୍ୟପ୍ରାଣୀ ଦ୍ୱାରା ଶିକାର ହୋଇଥିବା ପୀଡିତଙ୍କ ପାଇଁ ନ୍ୟାୟପ୍ରାପ୍ତି ସୁବିଧା ସମ୍ପର୍କିତ ନାଲସା ଯୋଜନା, ୨୦୨୫ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି ଶିବିରକୁ ପରିଚାଳନା କରିଥିଲେ।

## ପେନେଲାକୁ ଆଦର୍ଶ ସଞ୍ଚୟ ଗ୍ରାମ କରାଯିବାକୁ ପ୍ରୟାସ



ଜି.ଉଦୟଗିରି,୨୩।୪(ସମିସ): ଜି.ଉଦୟଗିରି ବ୍ଲକର ପେନେଲା ଗ୍ରାମକୁ ଆଦର୍ଶ ସଞ୍ଚୟ ଗ୍ରାମ କରାଯିବାକୁ ପ୍ରୟାସ କରାଯାଉଛି। ଏଥିପାଇଁ ସମାଜସେବୀ ବିବେକାନନ୍ଦ ପ୍ରଧାନ ଉଦ୍ୟମରେ ଭଞ୍ଜ ଫାର୍ମ ହାଉସରେ ଗ୍ରାମବାସୀଙ୍କୁ ନେଇ ଏକ ସଭା ହୋଇଥିଲା। ଜି.ଉଦୟଗିରି ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଞ୍ଚୟ ଖାତାଧାରୀ ବର୍ଷକୁ ମାତ୍ର ୨୦ ଟଙ୍କା ବାନ୍ଧି ଦୁଇ ଲକ୍ଷ ଟଙ୍କାର ସୁବିଧା ପାଇବା, କୃଷି ଋଣ, ବ୍ୟକ୍ତିଗତ ଋଣ ସାଙ୍ଗକୁ ବ୍ୟାଙ୍କର ବ୍ୟବସାୟିକ ଉନ୍ନତିରେ ଗ୍ରାହକଙ୍କ ସହାଭାଗିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କ୍ୟାସିୟର ଚକ୍ରଧାର ବିଶ୍ୱାଳ, ଅମିଶା ସାହୁ ଓ ପରଦେଶୀ ନାୟକ ଉପସ୍ଥିତ ରହି ଗ୍ରାମବାସୀଙ୍କ ଖାତା ଖୋଲିଥିଲେ। ମୋବାଇଲ ବ୍ୟାଙ୍କି ମାଧ୍ୟମରେ ଦେଣନେଣ ଉପରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାମକୃଷ୍ଣ ଚୌଧୁରୀ, ପ୍ରଶନ୍ନ କୁମାର ମିଶ୍ର, ଦୁର୍ଗାମାଧବ ପଟ୍ଟନାୟକ ଓ ନୀଳମାଧବ ପ୍ରଧାନ ଉପସ୍ଥିତ ଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି,୨୩।୪(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗାଙ୍କ ଅଧ୍ୟକ୍ଷତାରେ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଆସନ୍ତା ୨୫ ଓ ୨୬ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ୨ଦିନିଆ ଗଜପତି ଜିଲ୍ଲା ଗସ୍ତକୁ ନେଇ ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରଯାଇଛି। ଶ୍ରୀମତୀ ପରିଡ଼ା ଆସନ୍ତା ୨୫ ତାରିଖ ଦିନ ଜିରାଙ୍ଗରେ ନିର୍ମାଣ ହେବାକୁଥିବା ପ୍ରତୀକ୍ଷା ଗ୍ରୁପର ପଞ୍ଚତାରକା ହୋଟେଲର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ଉକ୍ତ ଦିନ ଅପରାହ୍ନରେ କଇଁପୁରରେ ୨ ଦିନିଆ ମହେନ୍ଦ୍ରଗିରି ଇକୋ ଏଡଭେନ୍ଚର ଫେଷ୍ଟର ଶୁଭ ଉଦଘାଟନ କରିବେ। ଏଥି ନିମନ୍ତେ ସମସ୍ତ କାର୍ଯକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗରାଜୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବନନ୍ଦ ନାୟକଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ପ୍ରମୁଖ ବୈଠକ ଉପସ୍ଥିତ ଥିଲେ।

## ପୋଷ୍ଟମାଷ୍ଟରଙ୍କଠାରୁ ଝାମ୍ପିନେଲେ ଟଙ୍କା ଭର୍ତ୍ତି ବ୍ୟାଗ୍

ଦିଗପହଣ୍ଡି,୨୩।୪(ସମିସ): ଦିଗପହଣ୍ଡି ପୁଞ୍ଜିକୟାଁ ଛକ-ଆସିକା ମୁଖ୍ୟରାସ୍ତା କଡ଼ରେ ଥିବା ଏକ ହୋଟେଲ ସମ୍ମୁଖରୁ ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମ୍ୟ ପୋଷ୍ଟମାଷ୍ଟର ମନୋଜ କୁମାର ପଟ୍ଟନାୟକଙ୍କ ଠାରୁ ୮୦ ହଜାର ଟଙ୍କା ଥିବା ହ୍ୟାଣ୍ଡ ବ୍ୟାଗ୍‌କୁ ୪ ଦୁର୍ବୃତ୍ତ ଅଭିନବ ଉପାୟରେ ଲୁଟି ନେଇଛନ୍ତି। ପୋଷ୍ଟମାଷ୍ଟର ଜଣକ ଗ୍ରାମୀଣ ଡାକ କାର୍ଯ୍ୟାଳୟରୁ ସଂଗୃହୀତ ୮୦ ହଜାର ଟଙ୍କା ବ୍ୟାଙ୍କରେ ଡିପୋଜିଟ କରିବାକୁ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ତାଙ୍କ ସ୍କୁଟି (ନଂ. ଓଡ଼ି୦୭ ଏସି -୫୭୩୦) ଯୋଗେ ଦିଗପହଣ୍ଡି ଆସିଥିଲେ। ସେ ହୋଟେଲ ସମ୍ମୁଖରେ ସ୍କୁଟି ରଖି ଟଙ୍କା ବ୍ୟାଗ ଧରି ଖାଇବାକୁ ଯାଇଥିଲେ। ଫେରିବା ପରେ ବ୍ୟାଗକୁ ସ୍କୁଟି ଆଗରେ ଓହଳାଇ ବ୍ୟାଙ୍କକୁ ଯିବାକୁ ସ୍କୁଟି ଷ୍ଟାର୍ଟ କରିବା ବେଳେ ୨ ଟି ବାଇକ ଆସିଥିବା ୪ ଯୁବକ ତାଙ୍କ ଟଙ୍କା ତଳେ ପଡ଼ିଥିବା କହିଥିଲେ। ମନୋଜ ସ୍କୁଟି ଷ୍ଟାଣ୍ଡ ମାରି ପଛକୁ ଚାହିଁବା ବେଳକୁ ସ୍କୁଟିରେ ଓହଳାଇଥିବା ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପିନେଇ ବ୍ରହ୍ମପୁର ରାସ୍ତାରେ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ଏନେଇ ମନୋଜ ଦିଗପହଣ୍ଡି ଥାନାରେ ଅଭିଯୋଗ କରିବା ପରେ ଆଇଆଇସି କିଶୋର କୁମାର ସାମଲ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେପହଞ୍ଚିନିକଟସ୍ଥପେଟ୍ରୋଲପମ୍ପରେଲାଗିଥିବାସିସିଟିଭି ଫୁଟେଜ ସଂଗ୍ରହ କରି ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛନ୍ତି।

## ଟିକିଟିରେ ବିଜେପିର ମିଶ୍ରଣ ପର୍ବ



ପାତ୍ରପୁର,୨୩।୪(ସମିସ): ପାତ୍ରପୁର ସ୍ଥିତ ବିଜେପି କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଆମ୍ବପୁର ସରପଞ୍ଚ ତପୋଇ ବେହେରା ବିଜେପିରେ ଯୋଗଦାନ କରିଛନ୍ତି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ବରିଷ୍ଠ ନେତା ସନ୍ତୋଷ ପାତ୍ର, ବାଲାଜୀ ପ୍ରଧାନ, ଜୟନ୍ତୀପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ, ତଣ୍ଡିପୁର ସମିତି ସଭ୍ୟ ରାମକୃଷ୍ଣ ନାୟକ, ଯୁବନେତା ଦୀନବନ୍ଧୁ ପ୍ରଧାନଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

● ବାଲି ଉତ୍ତୋଳନ ନେଇ ମୁହାଁମୁହିଁ ଘଟଣା

## ସମାଧାନ ପାଇଁ ଆଜି ପ୍ରଶାସନର ବୈଠକ

ଧରାକୋଟ,୨୩।୪(ସମିସ): ଧରାକୋଟ ତହସିଲ ଅଧୀନରେ ଥିବା ଋଷିକୁଲ୍ୟା ନଦୀର କପିଳାସ ବାଲିଶଯ୍ୟାରୁ ବେଆଇନ ଭାବେ ଚାଲିଥିବା ବାଲି ଉତ୍ତୋଳନକୁ ନେଇ ନନ୍ଦିଗୋର ଗ୍ରାମବାସୀ ଗତ ରବିବାର ସନ୍ଧ୍ୟାରେ ବଳପୂର୍ବକ ବାଲିଘାଟରେ ଥିବା ଦୁଇଟି ହିଟାଚି ମେସିନକୁ ଜବରଦସ୍ତ ବନ୍ଦ କରିବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଗତ ବୁଧବାର ଦିନ ନନ୍ଦିଗୋର ଗାଁ ଲୋକେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ନାରାବାଜି କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରି ଫେରିଥିଲେ। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ତହସିଲଦାର ଶୁକ୍ରବାର ଦିନ ତହସିଲ କାର୍ଯ୍ୟାଳୟରେ ଜିଲ୍ଲା ଖଣି ଅଧିକାରୀ, ଧରାକୋଟ ଥାନା ଅଧିକାରୀ, କପିଳାସ ବାଲିଘାଟ ଲିଜଧାରି, ନନ୍ଦିଗୋର ଗାଁ କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଆହ୍ୱାନ କରିଛନ୍ତି। ବୈଠକ ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ବେଳେ ସମସ୍ତେ ବୈଠକରେ ନିଜ ନିଜର ସମସ୍ୟା ଉପସ୍ଥାପନ କରିବେ ଏବଂ ଏହା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଖଲ୍ଲିକୋଟରେ ବିଜେପିର ଜନଆକ୍ରୋଶ ବିକ୍ଷୋଭ




ଖଲ୍ଲିକୋଟ,୨୩।୪(ସମିସ): ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପ୍ରସଙ୍ଗରେ ଆଜି ଖଲ୍ଲିକୋଟରେ ବିଜେପି ଆସିକା ଘୁମୁସର ସାଙ୍ଗଠନିକ ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ଯୁବ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ରାଲିରେ ବାହାରି ଖଲ୍ଲିକୋଟ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା ଉପସଭାପତି ବିଜୟଲକ୍ଷ୍ମୀ ବାଲା, ଜିଲ୍ଲା ସାଧାରଣ ସମ୍ପାଦିକା ଜୋତ୍ସ୍ନା ରାଣୀ ନାହାକ, ବରିଷ୍ଠ ବିଜେପି ନେତ୍ରୀ ଭାରତୀ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ବିଚିତ୍ରା ରାଣୀ ପଟ୍ଟନାୟକ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅନୀଲ ତ୍ରିପାଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଯଜ୍ଞ ନାରାୟଣ ଦାଶ, ବେଗୁନିଆପଡା ସାଂସଦ ପ୍ରତିନିଧି ଆଲୋକ ଶତପଥୀ, ଖଲ୍ଲିକୋଟ ନଗର ସଭାପତି ଶଙ୍କର ପ୍ରସାଦ ନାହାକ, ଯୁବନେତା ଜଗନ୍ନାଥ ଭୂୟାଁଙ୍କ ସମେତ ବହୁ ବିଜେପି କର୍ମୀ ଯୋଗ ଦେଇଥିଲେ।

## ଦାମୋଦରପୁରରେ ଅଷ୍ଟପ୍ରହର ନାମଯଜ୍ଞ



ଗଞ୍ଜାମ,୨୩।୪(ସମିସ): ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଶ୍ରୀ ବାଲାଜୀପୀଠରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏ ଅବସରରେ ସ୍ଥାନୀୟ ପୁଣ୍ୟତୋୟା ଋଷିକୁଲ୍ୟା ନଦୀ କୂଳରେ ଗ୍ରାମ୍ୟ ଶ୍ରଦ୍ଧାଳୁ ବୃନ୍ଦ ପହଞ୍ଚି ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ମସ୍ତକରେ ଜଳ ନେଇ କଳସ ଯାତ୍ରା କରିଥିଲେ। ଆଚାର୍ଯ୍ୟ କୁଞ୍ଜ ବିହାରୀ ଦାଶଙ୍କ ତତ୍ତ୍ୱାବଧାନରେ ଘୃତଯଜ୍ଞ, ଅନ୍ନଯଜ୍ଞ ଅନୁଷ୍ଠିତ ହେଉଛି। ଗୁରବାର ପ୍ରାତ ସମୟରୁ ନାମଯଜ୍ଞର ଶୁଭାରମ୍ଭ ହୋଇଛି। ଶୁକ୍ରବାର ଉଦଯାପନି ଦିବସରେ ପୂର୍ଣ୍ଣାହୂତି, ଦଧିଭାଣ୍ଡ ଭଗ୍ନ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ରହିଛି।

ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍‌ମୁକ୍ତ ଦାରିଙ୍ଗବାଡ଼ି ପାଇଁ ବୈଠକ

## ପ୍ରତ୍ୟେକ ଗୁରୁବାର ସଫେଇ ନିଷ୍ପତ୍ତି



ଦାରିଙ୍ଗବାଡି,୨୩।୪(ସମିସ): ଦାରିଙ୍ଗବାଡିକୁ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ସଭାଗୃହରେ ବିଡ଼ିଓ ପ୍ରୀତି ରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଦାରିଙ୍ଗବାଡିକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସୁଥିବା ବେଳେ ଅନେକ ସମୟରେ ଦାରିଙ୍ଗବାଡି ସ୍ୱଚ୍ଛ ରହୁନଥିବା ବେଳେ ପ୍ଲାଷ୍ଟିକ ରାସ୍ତା ଘାଟ ତଥା ବଜାରରେ ପଡୁଛି। ଏହି କାରଣରୁ ପର୍ଯ୍ୟଟକ ଦାରିଙ୍ଗବାଡି ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଦାରିଙ୍ଗବାଡିକୁ ସ୍ୱଚ୍ଛ, ସବୁଜ ସୁନ୍ଦର ଓ ପ୍ଲାଷ୍ଟିକ୍‌ମୁକ୍ତ ରଖିବାକୁ ଆଲୋଚନା ହୋଇଥିଲା। ନିଜେ ସଫା କରିବା ସହ ଅନ୍ୟକୁ ସଫା କରିବାକୁ କହିବା ଓ ପ୍ରତ୍ୟେକ ଗୁରୁବାର ଦାରିଙ୍ଗବାଡିକୁ ସଫେଇ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ତହସିଲଦାର ଧୀରଜ ପାତ୍ର, ଏସଆଇ ଲକ୍ଷ୍ମୀ ମାଝୀ, ସରପଞ୍ଚ ଚନ୍ଦ୍ରିକା ମଲିକଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଗଞ୍ଜାମ ବ୍ଲକରେ ସୂଚନା ଅଧିକାର ଆଇନ କୋମାରେ

ହୁମ୍ମା,୨୩।୪(ସମିସ): ଗଞ୍ଜାମ ବ୍ଲକରେ ସୂଚନା ଅଧିକାର ଆଇନ କୋମକୁ ଚାଲିଯାଇଛି। ବାରମ୍ବାର ତଥ୍ୟ ମାଗିଲେ ବି ମିଳୁନି। ଯାହାକୁ ନେଇ ସୂଚନା ଅଧିକାରୀ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀ ତଥ୍ୟ ଦେବାରେ ପଛଘୁଞ୍ଚା ଦେଉଥିବା ଅଭିଯୋଗ କରିଛନ୍ତି। ଏହି ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ କାର୍ଯ୍ୟକାରିତାରେ ବାଧା, ତଥ୍ୟ ପ୍ରଦାନରେ ବିଳମ୍ବ ଏବଂ ଆରଟିଆଇ କର୍ମୀଙ୍କୁ ଆକ୍ରମଣ ଧମକ ମିଳୁଥିବା ଅଭିଯୋଗ ହୋଇଛି। ଗଞ୍ଜାମ ପଂଚାୟତ ସମିତି କାର୍ଯ୍ୟାଳୟ, କୃଷି ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟ ଏବଂ ରମ୍ଭା ଏନଏସି କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀମାନେ ତଥ୍ୟ ପାଇଁ ଅନୁରୋଧ ଦାଖଲ ପତ୍ର ଦେଲା ପରେ ମଧ୍ୟ ଗ୍ରହଣ କରିବା ପତ୍ର ଠିକଣାକୁ ଆସୁନଥିବା ଅଭିଯୋଗ ହୋଇଛି। ଏହି ସରକାରୀ ଅଧିକାରୀମାନେ ଦୁର୍ନୀତିକୁ ଲୁଚାଇବାକୁ ତଥ୍ୟ ପ୍ରଦାନ

### ବାରମ୍ବାର ତଥ୍ୟ ମାଗିଲେ ବି ମିଳୁନଥିବା ଅଭିଯୋଗ

କରୁନଥିବା ଜଣାପଡିଛି। ଗଞ୍ଜାମ ବ୍ଲକର କିଛି ବିଭାଗୀୟ ଅଧିକାରୀମାନେ ବିଳମ୍ବରେ ହେଲେ ମଧ୍ୟ ଭୁଲ ତଥ୍ୟ ଦେଉଥିବା ନେଇ ଅଭିଯୋଗ ହୋଇଛି।

ସୂଚନା ଅଧିକାର ଆଇନ ୨୦୦୫, ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଦେଇଛି। କିନ୍ତୁ ଏହାକୁ ଅକାମୀ କରିବାକୁ ଚେଷ୍ଟା କରାଯିବା ଉଚିତ୍ ନୁହେଁ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଜଣେ ବ୍ୟକ୍ତି ଗଞ୍ଜାମ ପଞ୍ଚାୟତ ସମିତିକୁ ଆସୁଥିବା ନେଇ ଆରଟିଆଇରେ ତଥ୍ୟ ମାଗିଥିଲେ କିନ୍ତୁ କୌଣସି ଗ୍ରହଣ ପତ୍ର ଆସିନଥିଲା। ପୁଣି ଥରେ ସେହି ବ୍ୟକ୍ତି ବିଡ଼ିଓଙ୍କୁ ପ୍ରଥମ ଆବେଦନ ପ୍ରକ୍ରିୟା ମାଧ୍ୟମରେ ଦାଖଲ କରିଲେ। ଗ୍ରହଣ କରିବାର ପତ୍ର ଆସିନଥିଲା। ଏଥିପାଇଁ କର୍ମୀ ଜଣଙ୍କ ଅନଲାଇନ ମାଧ୍ୟମରେ ମୋଟ ୩୦ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି କୃଷି ଓ ପରାମର୍ଶ କେନ୍ଦ୍ରକୁ ମଧ୍ୟ ତଥ୍ୟ ମାଗିଥିଲେ। ଆଜି ପର୍ଯ୍ୟନ୍ତ ତଥ୍ୟ ମିଳିବା ତ ଦୂର ଗ୍ରହଣ ପତ୍ର ମଧ୍ୟ ଆଜି ପର୍ଯ୍ୟନ୍ତ ଆସି ପାରିନାହିଁ। ରମ୍ଭା ଏନଏସିର ଇଓ ଅଫିସର ମଧ୍ୟ ଆଜି ପର୍ଯ୍ୟନ୍ତ ଆରଟିଆଇ ମାଧ୍ୟମରେ ମଗାଯାଇଥିବା ତଥ୍ୟ ଉପରେ ଗ୍ରହଣ ପତ୍ର ଓ ସୂଚନା ପ୍ରଦାନ କରି ନାହାଁନ୍ତି। ତେବେ କାହିଁକି ଅଧିକାରୀମାନେ ସୂଚନା ଦେଉ ନାହାଁନ୍ତି ଏନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି। ଜିଲ୍ଲା ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଏନେଇ ଉପରିସ୍ଥ ଅଧିକାରୀଙ୍କ ପ୍ରତିକ୍ରୀୟା ପାଇଁ ଚେଷ୍ଟା କରାଯାଇଥିଲେ ବି ସମ୍ଭବ ହୋଇପାରିନି।

## ଦୁର୍ଘଟଣା ରୋକିବାକୁ ପୁଲିସର ସଚେତନତା



ଜି.ଉଦୟଗିରି,୨୩।୪(ସମିସ): ଦିନ କୁ ଦିନ ସଡ଼କ ଦୁର୍ଘଟଣା ବଢୁଥିବାରୁ ଅକାଳରେ ଯାଉଛି ଜୀବନ। ଯେତେ ସଚେତନ କଲେ ମଧ୍ୟ କମୁନି ଦୁର୍ଘଟଣା। ଏହା ଏକ ଚିନ୍ତାର ବିଷୟ ହୋଇଥିବା ବେଳେ ଅଧିକ ସଚେତନର ଆବଶ୍ୟକତା ରହିଛି। ଏହି କ୍ରମରେ ଆଜି ଜି.ଉଦୟଗିରି ପୁଲିସ ପକ୍ଷରୁ ରାଇପଦାରେ ଗାଡିମୋଟର ଯାଞ୍ଚ କରାଯାଇଥିଲା। ଜି.ଉଦୟଗିରି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗାଡ଼ି ଚଳାଇଲା ବେଳେ ହେଲେମେଟ ବ୍ୟବହାର, ଗାଡି ଚଳାଇବା ବେଳେ ମାଦକ ଦ୍ରବ୍ୟ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ସିଟ ବେଲ୍ଟ ବ୍ୟବହାର କରିବା, ନାବାଳକଙ୍କୁ ଗାଡି ନ ଦେବା ଆଦି ଯାଞ୍ଚ କରିବା ସହିତ ନିୟମ ଭଙ୍ଗକାରୀଙ୍କୁ ସଚେତନ କରାଯାଇଥିଲା।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବଢୁଛି ମହୁଫେଣା; ଆକ୍ରମଣରେ ଅନେକ ଆହତ



ପାରଳାଖେମୁଣ୍ଡି,୨୩।୪(ସମିସ): ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋଠାରେ ମହୁମାଛି ଫେଣା ବଢ଼ିବାରେ ଲାଗିଛି। ପୂର୍ବରୁ ଗୋଟିଏ ମହୁଫେଣା ରହିଥିବା ବେଳେ ଏବେ ଏହାର ନିକଟରେ ପୁଣି ଆଉ ଗୋଟିଏ ମହୁଫେଣା ଦେଖିବାକୁ ମିଳୁଛି। ଏପରି ଯୋଗୁ କିଛିଦିନ ହେଲା କାର୍ଯ୍ୟାଳୟକୁ ଯାଉଥିବା ଅନେକ ଲୋକେ ମହୁମାଛିଙ୍କ ଆକ୍ରମଣରେ ଶିକାର ହୋଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୋଠାର ଦ୍ୱିତୀୟ ମହଲାର ଛାତ ପଲସ୍ତରାରେ ଅନେକ ଦିନ ହେଲା ମହୁଫେଣା ରହିଛି। ଏହି ମହୁଫେଣା ଦିନକୁ ଦିନ ବଡ଼ ଆକାର ନେବାରେ ଲାଗିଛି। ସାମାନ୍ୟ ବର୍ଷା କିମ୍ବା ପବନ କିମ୍ବା ଅନ୍ୟ କୌଣସି କାରଣରୁ ଏହି ମହୁଫେଣା ଦୋହଲିଲେ ମହୁମାଛି ଉଡ଼ିଥାନ୍ତି। ଏହି ସମୟରେ ଉକ୍ତ ସ୍ଥାନରେ କେହିଥିଲେ କିମ୍ବା ଯାତାୟାତ କରିବା ସମୟରେ ମହୁମାଛି ଆକ୍ରମଣର ଶିକାର ହେଉଛନ୍ତି। ଆଜି ସୁଦ୍ଧା ବହୁ ଲୋକେ ମହୁମାଛିର ଶିକାର ହୋଇଥିବା ଜଣାଯାଇଛି। ହେଲେ ଏହାର ପ୍ରତିକାର ପାଇଁ ସଭିଏଁ ଉପାୟ ଶୂନ୍ୟ ରହିଛନ୍ତି। ବିଲେଇ ବେକରେ ଘଣ୍ଟି କିଏ ବାନ୍ଧିବ ପ୍ରକାରେ ମହୁଫେଣାରେ ହାତମାରିବ କିଏ ବୋଲି ଚର୍ଚ୍ଚା ହେଉଥିବା ବେଳେ ଦୈନନ୍ଦିନ ମହୁମାଛି ଆକ୍ରମଣର ଶିକାର ବଢ଼ିବାର ମଧ୍ୟ ଲାଗିଛି।

## ନିଆଁ ଆଁରେ ତୁମୁଡ଼ିବନ୍ଧ ବନାଞ୍ଚଳ

● ଜଳୁଛି ଜଙ୍ଗଲ, ଚାହିଁଛନ୍ତି କର୍ମଚାରୀ



ବାଲିଗୁଡ଼ା,୨୩।୪(ସମିସ): ତୁମୁଡ଼ିବନ୍ଧ ବନବିଭାଗ ନିଆଁ ନିବାରଣ କରିବାରେ ସମ୍ପୂର୍ଣ୍ଣ ଫେଲ ମାରିଥିବା ଅଭିଯୋଗ ହେଉଛି। ଗୁରୁବାର ଦିନ ତୁମୁଡ଼ିବନ୍ଧ ବନାଞ୍ଚଳର କିଛି ସ୍ଥାନରେ ଜଙ୍ଗଲ ପୁଣି ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ତୁମୁଡ଼ିବନ୍ଧର କୁର୍ତ୍ତମଗଡ଼ ଅଞ୍ଚଳରେ ମୁଖ୍ୟ ରାସ୍ତାରୁ ମାତ୍ର କୋଡ଼ିଏ ମିଟର ଦୂରତା ପରେ ଏହି ନିଆଁ ଜଳୁଛି। କିନ୍ତୁ ରାସ୍ତାର ଏତେ ନିକଟରେ ଥାଇ ମଧ୍ୟ ବନବିଭାଗ କିଭଳି ଜାଣିପାରୁନାହିଁ ତାହା ଏବେ ଆଲୋଚନାର ବିଷୟ ହୋଇଛି। ଯୋଉଠି ନିଆଁ ଜଳୁଛି ଠିକ୍ ତା ଅପରପାଶ୍ୱର୍ରେ ବନବିଭାଗର କିଛି କର୍ମଚାରୀ ଉପସ୍ଥିତ ରହି ଅନ୍ୟ କାର୍ଯ୍ୟ କରୁଛନ୍ତି। କିନ୍ତୁ ନିଆଁକୁ ଆୟତ୍ତ କରିବାକୁ କେହି ପଦକ୍ଷେପ ନେଉନାହାନ୍ତି। କାର୍ଯ୍ୟ ଅବହେଳା ନା ଜାଣିଶୁଣି ତୁମୁଡ଼ିବନ୍ଧ ବନବିଭଗ ଜଙ୍ଗଲକୁ ଜଳିବାକୁ ଛାଡ଼ି ଦେଉଛି ତାହା ତଦନ୍ତ ସାପେକ୍ଷ। ବୃଦ୍ଧି ପାଇଥିବା ଗ୍ରୀଷ୍ମ ପ୍ରବାହର ତାତି ସହ ଜଙ୍ଗଲ ନିଆଁର ତାତି ତୁଡାକୁ ଗୁଡ ସାକ୍ଷୀ ପରି କଲବଲ କରୁଛି ଅଞ୍ଚଳବାସୀଙ୍କୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ରନ୍ଧନ ଗ୍ୟାସ୍ ସଂକଟ; କାଠ ଆଣିବାକୁ ଜଙ୍ଗଲକୁ ସୁଅ

ଫିରିଙ୍ଗିଆ,୨୩।୪(ସମିସ)




ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁ ସାରା ଦେଶରେ ଗ୍ୟାସ ସଂକଟ ଦେଖା ଦେଇଥିବା ବେଳେ ଫିରିଙ୍ଗିଆ ବ୍ଲକରେ ମଧ୍ୟ ଗ୍ୟାସ ଅଭାବ ପରିଲକ୍ଷିତ ହୋଇଛି। ଆବଶ୍ୟକ ଗ୍ୟାସ ଅଭାବ ଯୋଗୁଁ ପୁଣି ଫିରିଙ୍ଗିଆ ବଜାରରେ ଥିବା ହୋଟେଲରେ ବର୍ତ୍ତମାନ କାଠ ଚୂଲା ବ୍ୟବହାର ହେଉଥିବା ବେଳେ ସାଧାରଣ ଲୋକ ମଧ୍ୟ କାଠ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି। ମହିଳା ପୂର୍ବପରି ଜଙ୍ଗଲରୁ କାଠ ସଂଗ୍ରହ କରି ଜାଳେଣି ଆବଶ୍ୟକତା ମେଣ୍ଟାଉଥିବା ଦେଖାଯାଇଛି। ବନବିଭାଗ ଦ୍ୱାରା ବନ ସୁରକ୍ଷା ସମିତି ଗଠନ କରି ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନ କରିବା ସହ ହୋଟେଲ ଠାରୁ ଘର ଏମିତି କି ବିଭିନ୍ନ ଅନୁଷ୍ଠାନ ଭୋଜିଭାତ ଆଦିରେ ଗ୍ୟାସ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି କ୍ରମରେ ଫିରିଙ୍ଗିଆ ବ୍ଲକରେ ଜଙ୍ଗଲ ସୁରକ୍ଷା ସହ ଜନସାଧାରଣ ସଚେତନ ହୋଇ ଖର୍ଚ୍ଚ ହେଲେ ମଧ୍ୟ ଗ୍ୟାସ ବ୍ୟବହାର କରିବା ଯୋଗୁଁ ଜଙ୍ଗଲ ସୁରକ୍ଷା ହୋଇଥିଲା। ବର୍ତ୍ତମାନ ପରିସ୍ଥିତି ଓ ବାଧ୍ୟବାଧକତାରେ ହେଲେ ମଧ୍ୟ ଜାଳେଣି ପାଇଁ ଦୈନିକ ଆବଶ୍ୟକ ଗ୍ୟାସ ନ ମିଳିବାରୁ ଓ ବୁକ୍ କରି ମାସ ମାସ ଧରି ଅପେକ୍ଷା କରିବା ସତ୍ତ୍ୱେ ନ ମିଳବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବାଧ୍ୟ ହୋଇ ଏବେ ପୁଣି ଥରେ ହୋଟେଲ ଓ ବାହାଘର ଏବଂ ଘରେ ଘରେ ଜାଳେଣି କାଠ ବ୍ୟବହାର କରାଯାଉଛି। ଦୈନିକ ଜଙ୍ଗଲରୁ କାଠ କଟାଯିବାକୁ ନେଇ ପୁଣି ଥରେ ଜଙ୍ଗଲ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ଠାରୁ ଜାଳେଣି କାଠ ଉପରେ ଫିରିଙ୍ଗିଆ ବ୍ଲକବାସୀ ସଚେତନ ନ ହେଲେ ଆଗାମୀ ଦିନରେ ଜଙ୍ଗଲ କ୍ଷୟ ହେବା ନିଶ୍ଚିତ ହୋଇପଡ଼ିଛି।

**ଜଙ୍ଗଲ କ୍ଷୟ ଆଶଙ୍କା**

## ମୁଖ୍ୟ ରାସ୍ତାରେ ୨ ହାତୀ; ଭାଙ୍ଗିଲେ ଘର

ଜି.ଉଦୟଗିରି,୨୩।୪(ସମିସ): ସହରମୁହାଁ ହେଉଛନ୍ତି ହାତୀ। ଉତ୍ତର ଘୁମୁସର ବନଖଣ୍ଡରୁ ଖସି ଆସିଥିବା ୨ ଦନ୍ତା ଜି.ଉଦୟଗିରି ବନାଞ୍ଚଳରେ ରହିଛନ୍ତି। ମଙ୍ଗଳବାର ଓ ବୁଧବାର ଜାତୀୟ ରାଜପଥ ଉପରକୁ ଆସିଥିଲେ ହାତୀ। ମଙ୍ଗଳବାର ଆଦର୍ଶ ବିଦ୍ୟାଳୟ ପଛପାଖ ଅଶ୍ୱିନୀ ପ୍ରଧାନଙ୍କ ଘର ଚାରିପଟେ ପଇଁତରା ମାରିବା ଯୋଗୁ ପରିବାର ଲୋକେ ଭୟଭୀତ ହୋଇପଡିଥିଲେ। ବନପାଳ ରଶ୍ମିତା ବକ୍ସିଙ୍କୁ ଫୋନ୍ କରିଥିଲେ। ଖବର ପାଇ ବନକର୍ମଚାରୀ ପହଞ୍ଚି ହାତୀକୁ ବହୁ କଷ୍ଟ କରି ଘଉଡ଼ାଇଥିଲେ। ବୁଧବାର ବିଳମ୍ବିତ ରାତିରେ ଜାତୀୟରାଜ ପଥ ଉପରେ ହାତୀ ବୁଲିବା ସହ ମିଖାଲ ପ୍ରଧାନଙ୍କ ଘର ଭାଙ୍ଗିଥିବା ଜଣାପଡିଛି। ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ବିଭାଗକୁ ଜଣାଇ ସଂଯୋଗ କାଟିଥିଲେ। ପୀଡିକାମାହା,





**ରାସ୍ତାରୁ ଘଉଡ଼ାଇବାକୁ ବନବିଭାଗ ନାକେଦମ୍**

ପଦାସାହି ଓ ନନ୍ଦଗିରି ଅଞ୍ଚଳର କିଛିଲୋକେ ନିଜ ଅଞ୍ଚଳରେ ହାତୀ ଆସିବାକୁ ନ ଦେବାକୁ ପାଟିତୁଣ୍ଡ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୁଲିସ, ବିଦ୍ୟୁତ ଆସିଷ୍ଟାଣ୍ଟ ଇଞ୍ଜିନିଅର ଓ ବନବିଭାଗ କର୍ମଚାରୀ ଉପସ୍ଥିତ ରହି ୨ ଘଣ୍ଟା ପରେ ହାତୀଙ୍କୁ ରାସ୍ତା ପାର କରାଇଥିଲେ। ପ୍ରକାଶ ଥାଉ କି, ୨ ହାତୀ ମଧ୍ୟରୁ ଗୋଟିଏ ହାତୀ ମାସକ ପୂର୍ବେ ଜି.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ପାବୁରିଆ ସେକ୍ସନର ଡାମ୍ବା ଅଞ୍ଚଳରୁ ୩ ଜଣଙ୍କୁ କଚାଡି ମାରିଥିଲା। ଏବେ ହାତୀ ମୁଖ୍ୟ ରାଜପଥକୁ ଚାଲିଆସୁଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

## କାର୍ ସହ ୩୦ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ



ଫିରିଙ୍ଗିଆ,୨୩।୪(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ପୁଲିସ ଏକ କାର୍ ସହ ୩୦ କିଲୋ ଗଞ୍ଜେଇ ଜବତ କରିଛି। ଏ ସମ୍ପର୍କରେ ଜଣେ ଆନ୍ତଃଜିଲ୍ଲା ପେଷାଦାର ଗଞ୍ଜେଇ ମାଫିଆକୁ ଗିରଫ କରାଯାଇଛି। ଗିରଫ ମାଫିଆ ଜଣକ ନୟାଗଡ଼ ଜିଲ୍ଲା ସୋରଡ଼ା ଅଞ୍ଚଳର ମାନସ ପ୍ରଧାନ। କାର୍‌ରେ ଗୋଚ୍ଛାପଡା ଅଞ୍ଚଳରୁ ନୟାଗଡ ଜିଲ୍ଲାକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ଗୋଚ୍ଛାପଡା-ଫୁଲବାଣୀ ମୁଖ୍ୟରାସ୍ତାର ଲୁହୁରା ସାହି ଛକ ନିକଟରେ କାର୍‌କୁ ଧରିବାରେ ସଫଳ ହୋଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାର୍‌ରୁ ଗଞ୍ଜେଇ ବାହାର କରି ଓଜନ କରାଯାଇ ଭିଡିଓଗ୍ରାଫି କରାଯାଇଥିଲା। ଏସଂକ୍ରାନ୍ତରେ ଗୋଚ୍ଛାପଡ଼ା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଞ୍ଜେଇ ମାଫିଆକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜିତ କୁମାର ବେହେରା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ପେଷାଦାର ଗଞ୍ଜେଇ ମାଫିଆ ହୋଇଥିବା ବେଳେ ତା ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

● ଗଜପତି ଜିଲ୍ଲାକୁ ଓଏସ୍‌ଆର୍‌ଟିସିର ଚରମ ଅବହେଳା

## ବନ୍ଦ ହେଲାଣି ବହୁ ବସ୍; ନୂଆ ରୁଟ୍‌ରେ ଚଳାଚଳ ଦାବି

ପାରଳାଖେମୁଣ୍ଡି,୨୩।୪(ସମିସ): ଗଜପତି ଜିଲ୍ଲାରେ ଓଡ଼ିଶା ରାଜ୍ୟ ପରିବହନ ବ୍ୟବସ୍ଥା ଶୋଚନୀୟ ହୋଇପଡିଛି। ଜିଲ୍ଲାରେ ବେସରକାରୀ ବସ୍ ଚଳାଚଳକୁ ଛାଡି ଦେଲେ ସରକାରୀ ବସ୍ ବହୁ କମ ସଂଖ୍ୟାରେ ରହିଛି। ରାଜ୍ୟ ପରିବହନ ବିଭାଗର କେତେକ ଦୂରଗାମୀ ବସ୍ ଚଳାଚଳ ଜାରି ରହିଛି। ହେଲେ ଜିଲ୍ଲା ମଧ୍ୟରେ ଚାଲୁ ରହିଥିବା କେତେକ ବସ୍‌କୁ ବନ୍ଦ କରିଦିଆଯାଇଛି। ନୂତନ ରୁଟ୍‌ରେ ବସ ଚଳାଚଳ ପାଇଁ ଦାବି ହେଉଛି। ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ଗଜପତି ଜିଲ୍ଲା ପରିବହନ ବ୍ୟବସ୍ଥା ଶୋଚନୀୟରୁ ଅତି ଶୋଚନୀୟ ହୋଇପଡ଼ିଛି। ଜିଲ୍ଲା ସଦରମହକୁମା ଠାରୁ ମୋହନା, କଟମା ଏବଂ ଭୁବନେଶ୍ୱର ଓ ପୁରୀକୁ ସିଧାସଳଖ ବସ୍ ରହିଥିବା ବେଳେ ଓଡ଼ିଶା ରାଜ୍ୟ ପରିବହନ ବିଭାଗର କେବଳ ହାତଗଣତି ବସ୍ ଜିଲ୍ଲା ସଦରମହକୁମା କିମ୍ବା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅନ୍ୟତ୍ର ଯିବାକୁ ବ୍ୟବସ୍ଥା ରହିଛି। ଅନ୍ୟସବୁ ଦୂରଗାମୀ ବସ୍ ଗୁଡିକ ଭାୟା ଭାବରେ ପାରଳାଖେମୁଣ୍ଡି ଦେଇ ଯାତାୟତ କରୁଛି। ଜିଲ୍ଲା ସଦରମହକୁମା ଠାରୁ ଭୁବନେଶ୍ୱର, ପୁରୀ, ମୋହନା, କଟାମା ଭଳି ହାତଗଣତି ବସ୍ ସିଧାସଳଖ ଯାତାୟତ କରୁଥିବା ବେଳେ ଜୟପୁର, ନବରଙ୍ଗପୁର, କଟକ ଆଦି ବସ୍ ଅନ୍ୟ ସ୍ଥାନରୁ ବାହାରି ପାରଳାଖେମୁଣ୍ଡି ଦେଇ ଯାତାୟାତ କରୁଛି। ଜିଲ୍ଲା ସଦରମହକୁମା ଠାରୁ ମଳାସପଦର, ନୂଆଗଡ, ଜୟପୁର ବସ୍ ସେବାକୁ ବନ୍ଦ କରିଦିଆଯାଇଛି। ଏହି ବସ୍‌ରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିବାବେଳେ ଆଦାୟକାରୀ ବସ୍ ଭାବେ ପରିଚିତ ଥିଲା। ଗୁମ୍ମା, ସେରଙ୍ଗ ଦେଇ ନୂଆଗଡ଼ ଯାଉଥିବା ବସ ସେରଙ୍ଗ ଠାରୁ ନୂଆଗଡ଼ ଘାଟିରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା ଯୋଗୁଁ ବନ୍ଦ କରାଯାଇଥିବା ଜଣାପଡିଥିବା ବେଳେ ଅନ୍ୟ ଦୁଇ ବସ୍ କେଉଁ କାରଣରୁ ବନ୍ଦ କରିଦିଆଯାଇଛି ସେନେଇ ସ୍ପଷ୍ଟ କରାଯାଇନାହିଁ।

ପାରଳାଖେମୁଣ୍ଡି ଠାରୁ ଜୟପୁର ବସ ୩୦ ବର୍ଷରୁ ଅଧିକ ସମୟ ଧରି ଚାଲୁ ରହିଥିଲା। ଏହି ବସ୍ ରାୟଗଡା, କୋରାପୁଟ, ଜୟପୁର ଭଳି ସହରକୁ ଏକମାତ୍ର ବସ୍ ଭାବେ ଯାତାୟାତ କରୁଥିଲା। ହେଲେ କରୋନା ମହାମାରି ସମୟରେ ବା ପାଞ୍ଚ ବର୍ଷ ପୂର୍ବେ ବନ୍ଦ କରିଦିଆଯାଇଛି। ସେହିପରି ଜିଲ୍ଲାର ମଳାଶପଦରକୁ ଯୋଗାଯୋଗ କରୁଥିବା ବସ୍‌କୁ ମଧ୍ୟ କେଉଁ କାରଣରୁ ବନ୍ଦ କରିଦିଆଯାଇଛି ତାହା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଉନାହିଁ। ଗୁରାଣ୍ଡି ଠାରୁ ରାଜଧାନୀ ଭୁବନେଶ୍ୱର, କଟକ, ଜୟପୁର, ନବରଙ୍ଗପୁର ଆଦି ସ୍ଥାନକୁ ବସ୍ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁଇବର୍ଷ ହେଲା ଦାବି କରାଯାଇଥିଲେ କୌଣସି ପଦକ୍ଷେପ ହୋଇନାହିଁ। ଅନ୍ୟପକ୍ଷରେ ନୂତନ ରୁଟ୍‌ରେ ପାରଳାଖେମୁଣ୍ଡି ଠାରୁ ରାୟଗଡା ଭାୟା ଆନ୍ଧ୍ରର ରାଜମ-ପାର୍ବତୀପୁରମ୍, ପାରଳାଖେମୁଣ୍ଡି ଠାରୁ ଫୁଲବାଣୀ ଭାୟା ପାଣିଗଣ୍ଡା-ଦାରିଙ୍ଗିବାଡି ଓ ମୋହନା ଠାରୁ ଆନ୍ଧ୍ରର ବିଶାଖାପାଟଣା ଭାୟା ପାରଳାଖେମୁଣ୍ଡି ବସଚଳାଚଳ ପାଇଁ ଦାବି ହେଉଛି। ଏହି ନୂତନ ରୁଟ୍‌ରେ ବସ୍ ଚଳାଚଳ କଲେ ଜିଲ୍ଲାର ପରିବହନ ବ୍ୟବସ୍ଥା ସୁଧୁରିବାରେ ସହାୟକ ହେବ ବୋଲି କୁହାଯାଉଛି।

## ବାଇକ୍ ସହ ୨୫ କେଜି ଗଞ୍ଜେଇ ଜବତ; ୨ ଗିରଫ




ଫିରିଙ୍ଗିଆ,୨୩।୪(ସମିସ): ବାଇକରେ ଗଞ୍ଜେଇ ଚାଲାଣ ବେଳେ ୨୫ କିଲୋ ଗଞ୍ଜେଇ ଜବତ ସହ ଜଣେ ଚାଲାଣକାରୀକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଫିରିଙ୍ଗିଆ ଥାନା ମଝିପଡା ଗାଁର ସମ୍ପଦ ପାତ୍ର। ବୁଧବାର ଫିରିଙ୍ଗିଆ ଥାନା ଭେଣ୍ଡରାପାଲି ଅଞ୍ଚଳରୁ ଜଣେ ବ୍ୟକ୍ତି ବାଇକରେ ଫୁଲବାଣୀ ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ପୁଲିସ ସୂଚନା ପାଇଥିଲା। ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟିମ ଗାଁ ନିକଟରେ ବାଇକ୍‌ଟିକୁ ଧରିବାରେ ସଫଳ ହୋଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇ ଅଭିଯୁକ୍ତ ସମ୍ପଦକୁ ଗିରଫ କରାଯାଇଥିଲା। ଗୁରୁବାର ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଗାଡ଼ି ଚୋରି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଟିକାବାଲି,୨୩।୪(ସମିସ): ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲାରେ ସଂପୃକ୍ତ ଥାଇ ଦୀର୍ଘଦିନ ଧରି ଫେରାର ଥିବା ଜଣେ ଦୁର୍ଦ୍ଦାନ୍ତ ଅଭିଯୁକ୍ତକୁ ଗିରଫ କରିଛି ଟିକାବାଲି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ଟିକାବାଲି ଥାନା ଅନ୍ତର୍ଗତ ଶଙ୍ଖରାଖୋଲା ଗ୍ରାମର ପ୍ରଭାକର ପ୍ରଧାନ (୪୩)। ପ୍ରଭାକରଙ୍କ ନାମରେ ପୂର୍ବରୁ ଜି. ଉଦୟଗିରି, ବାଲିଗୁଡା ଥାନା ଏବଂ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନାରେ ଚୋରି ମାମଲା ରହିଛି। ଆଜି ଥାନା ଅଧିକାରୀ ସମୀର କୁମାର ବେହେରାଙ୍କ ସଦଳବଳ ଚଢ଼ଉ କରି ପ୍ରଭାକରକୁ କାବୁ କରିଛନ୍ତି।

# ଜଳୁଛି ଗଜପତି; ଲୋକେ କଲବଲ



ପାରଳାଖେମୁଣ୍ଡି,୨୩।୪(ସମିସ)

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି ଜିଲ୍ଲା। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡିଛି ସାଧାରଣ ଜନଜୀବନ। ଆଜି ସଦର ମହକୁମା ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହିଛି। ପ୍ରଚଣ୍ଡ ଖରା ଯୋଗୁଁ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଲୋକେ। ଗଜପତି ଜିଲ୍ଲା ଏମିତି ଏକ ଭୌଗଳିକ ସ୍ଥିତିରେ ରହିଛି ଯାହାଦ୍ୱାରା ସମସ୍ତ ଋତୁର ପ୍ରଭାବ ଏଠି ସମାନ ଭାବରେ ପଡୁଛି। ଏଠାରେ ପ୍ରତ୍ୟେକ ବର୍ଷ ମୁଣ୍ଡ ଫଟା ଖରା ଅନୁଭୂତ ହେଉଛି। କିନ୍ତୁ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଦେଶରେ ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଓ ଗଜପତି ଜିଲ୍ଲାରେ ଗତ ଦୁଇ ସପ୍ତାହ ଧରି ତାପମାତ୍ରା ବୃଦ୍ଧି ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାର ଗୋଷାଣି, କାଶୀନଗର, ରାୟଗଡ, ଆର୍.ଉଦୟଗିରି, ନୂଆଗଡ ଓ ସଦର ମହକୁମା ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ଡିଗ୍ରୀ ଉପରେ ରହୁଛି। ଅନ୍ୟ ଦୁଇ ବ୍ଲକ ଗୁମ୍ମା ଓ ମୋହନାରେ ତାପମାତ୍ରା ବଢିଥିଲେ ମଧ୍ୟ ସନ୍ଧ୍ୟା ସମୟରେ ଘଡଘଡି ସହ ବର୍ଷା ହେବା ଯୋଗୁଁ ଲୋକେ ଟିକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି।

ଖରା ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଚଷମା ପିନ୍ଧୁଛି ତ କିଏ ଛତା, ଓଦା କପଡା, କଳା ଚଷମା ବ୍ୟବହାର କରୁଛି ତ ଆଉ କିଏ ଆଖୁରସ, ଲସି, ତରଭୁଜ ଖାଇ ଖରାର ସାମ୍ନା କରୁଛନ୍ତି। ବେପାରୀଙ୍କ ପାଇଁ ଖରା ସେମାନଙ୍କ ବ୍ୟବସାୟକୁ ଦ୍ୱିଗୁଣିତ କରୁଥିବା କହିଛନ୍ତି। ସହରରେ ପ୍ରଚଣ୍ଡ ଗ୍ରୀଷ୍ମ, ଝାଞ୍ଜି ପବନ ସହ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଖରା ହେଲେ ମଧ୍ୟ ଅନ୍ୟ ଉପାୟ ନଥିବା ଯୋଗୁଁ ଶ୍ରମିକ କାମ କରିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି କିଛି ଶ୍ରମିକ କହିଛନ୍ତି। ଖରାକୁ ଦୃଷ୍ଟିରେ ରଖି ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ଦିନ ୧୦ଘଣ୍ଟା ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜିଲ୍ଲାର ଅଧିକାଂଶ ଦୋକାନ ବଜାର ବନ୍ଦ ରହିବା ସହ ରାସ୍ତା ଘାଟ ଶୁନଶାନ ହୋଇପଡୁଛି। ଅଂଶୁଘାତର ସମ୍ଭାବନା ଥିବାରୁ ପ୍ରଶାସନ ତରଫରୁ ପୂର୍ବ ସତର୍କତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ସଚେତନତା କରାଯାଇଛି। ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିଥିବା ବେଳେ ଜିଲ୍ଲା ଚିକିତ୍ସାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶାନ୍ତନୁ ପାଢ଼ୀ କହିଛନ୍ତି। ଅନ୍ୟପକ୍ଷରେ ଏପରି ଉଦୁଉଦିଆ ଖରାକୁ ଲକ୍ଷ୍ୟକରି ସରକାର ସକାଳ ଅଫିସ, ସ୍କୁଲ ଛୁଟି ଘୋଷଣା, ଅଂଶୁଘାତର ମୁକାବିଲା ପାଇଁ ବ୍ୟାପକ ସଚେତନତା କରାଯାଉଥିଲେ ମଧ୍ୟ କେତେକ ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ବୈଠକ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

● ବେଆଇନ ବାଲିଚାଲାଣ

## ଟ୍ରାକ୍ଟରକୁ ୫୧ ହଜାର ଜରିମାନା



ପାରଳାଖେମୁଣ୍ଡି,୨୩।୪(ସମିସ): ଗଜପତି ଜିଲ୍ଲା ଖଣି ବିଭାଗ ପକ୍ଷରୁ କାଶୀନଗର ବ୍ଲକ ଅଞ୍ଚଳରେ ବେଆଇନ ଭାବେ ବାଲିଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ କେ.ସୀତାପୁର ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଚାଳକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନପାରିବାରୁ ଖଣି ବିଭାଗ ଗାଡ଼ିକୁ ଅଟକ ରଖିଛି। ପରେ ୫୧ ହଜାର ଟଙ୍କା ଜରିମାନା ଭରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାକ୍ଟର ମାଲିକ ଜରିମାନା ନଭରିଥିବାରୁ ନିଜ ହେପାଜତରେ ଅଟକ ରଖିଛି ଜିଲ୍ଲା ଖଣି ବିଭାଗ। ଜରିମାନା ଭରିବା ପରେ ଛାଡ଼ି ଦିଆଯିବା ବୋଲି ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା ସୂଚନା ଦେଇଛନ୍ତି।

## କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ହାତାହାତି



ଦାରିଙ୍ଗବାଡି,୨୩।୪(ସମିସ): ଦାରିଙ୍ଗବାଡି ବ୍ଲକ ସାରିଙ୍ଗିଇର୍ପି ଆମ୍ବତୋଟା ନିକଟରେ ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା ଏବଂ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗଦେଇ ମିଶ୍ରଣ ପର୍ବ ହେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଗୋଷ୍ଠୀ କନ୍ଦଳ ଯୋଗୁ ସେମାନେ ଅଧା ରାସ୍ତାରୁ ଫେରିଯାଇଥିଲେ। ସମ୍ମିଳନୀ ସ୍ଥଳରେ କର୍ମୀଙ୍କ ମଧ୍ୟରେ ହୋହାଲ୍ଲା, ଠେଲାପେଲା ସହିତ ହାତାହାତି ହୋଇଥିବା ଦେଖାଯାଇଥିଲା। ବହୁଦିନ ଧରି ଦଳୀୟ ଗୋଷ୍ଠୀ କନ୍ଦଳ ଲାଗି ରହିଥିବା ବେଳେ ଏହାର କୌଣସି ସମାଧାନ ନହେବା ଯୋଗୁଁ କଂଗ୍ରେସ କର୍ମୀଙ୍କ ଦୁଇ ଭାଗ ହୋଇଯାଇଛନ୍ତି। ଦଳରେ ନେତୃତ୍ୱର ଅଭାବ ରହୁଥିବାରୁ ଏ ଭଳି କଳିଝଗଡ଼ା ଲାଗି ରହୁଥିବା କଂଗ୍ରେସର ପୂର୍ବତନ ସରପଞ୍ଚ ପ୍ରଦୀପ ମଲ୍ଲିକ, ପୂର୍ବତନ ବ୍ଲକ ସଭାପତି ସନ୍ତୋଷ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ତିଆଡ଼ି ନାୟକ, ପ୍ରଭଞ୍ଜନ ନାୟକଙ୍କ ଭଳି ବହୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ କହିଛନ୍ତି।

**ଆସିଲେନି ବିଧାୟକ, ଜିଲ୍ଲା ସଭାପତି**

